# ମୁଁ ଆଉ ସଂସ୍କୃତି ବିହାର....

• ହିମାଂଶୁ ପରିଜା (ଚଣ୍ଡୀ)

ସଂସ୍କୃତି ବିହାର ଗୋଟେ ବହୁ ପୁରାତନ ନାଟ୍ୟ ସଂସ୍ଥା । ଏହି ସଂସ୍ଥା ଦ୍ୱାରା ଗଣକବି ବୈଷ୍ଣବ ପାଣି ଓ ଗୋପାଳ ଛୋଟରାୟଙ୍କ ଗୀତିନାଟ୍ୟ ପରିବେଷଣ କରାଯାଇଛି । ହଜାର ବର୍ଷର ସହର କଟକର ବାଲିଯାତ୍ରା ଉତ୍ସବରେ, ମୋ ଜାଣିବାରେ ବୈଷ୍ଣବ ପାଣି ଓ ଗୋପାଳ ଛୋଟରାୟଙ୍କ ଦ୍ୱାରା ରଚିତ ସମସ୍ତ ଗୀତିନାଟ୍ୟ କରିସାରିଛନ୍ତି । ବୋଧେ ଆଉ କିଛି ବାକି ନାହିଁ । ଏହି ସଂସ୍ଥା ସହ କଟକର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସଂପୃକ୍ତ ଅଛନ୍ତି । ବାଲିଯାତ୍ରାରେ ଗଡ଼ଖାଇର ଅପରପାର୍ଶ୍ୱରେ ଏହି ସଂସ୍ଥା ଦ୍ୱାରା ଗୀତିନାଟ୍ୟ ପରିବେଷଣ ହେଲା ବେଳେ ମୁଁ ଅନେକଥର ସେହି ନାଟକ ଗୁଡ଼ିକୁ ଦେଖି ଭାବୁଥିଲି ମୁଁ ବି ଏଥିରେ ଅଭିନୟ କରନ୍ତି । ତା'ପରେ କଲେଜରେ ପାଠ ପଢ଼ିଲା ବେଳେ ବହୁତ ଥର ଚେଷ୍ଟା କରିଚି କିନ୍ତୁ ସୁଯୋଗ ମିଳିନି । ତା'ପରେ ଚୌଧୁରୀ ଭାରତୀକୃଷ୍ଣଙ୍କ ସହ ବନ୍ଧୁତା ହେଲା ପରେ ସେ ମତେ ଯେଉଁ ଦିନ ଡାକିଲେ ଏହି ସଂସ୍ଥାରେ ଅଭିନୟ କରିବା ପାଇଁ, ମୁଁ ସେଦିନ ଖୁସି ଖୁସି ଚାଲି ଯାଇଥିଲି । ସେଠାରେ ମୋର ଅନେକ ଗୁରୁଜନ ଓ ସମବୟସ୍କ ଲୋକ ଥିଲେ । ସମସ୍ତଙ୍କ ସହ ମୋର ଗୋଟେ ସଂପର୍କ ତିଆରି ହେଲା । ବହୁତ ଭଲ ଲାଗିଲା । ମୁଁ ଅନେକ ବର୍ଷ ସେ ସଂସ୍ଥା ତରଫରୁ ବାଲିଯାତ୍ରା ପଡ଼ିଆରେ ନାଟକ କଲି । ସତରେ ସେଠାରେ ଖୋଲା ଆକାଶ ତଳେ ଅଭିନୟ କରିବାର ଯେଉଁ ଆନନ୍ଦ ଅନ୍ୟ କେଉଁଠି ମିଳେ ନାହିଁ । ସେଠି ମଞ୍ଚ ନ ଥାଏ । ଖୋଲା ପଡ଼ିଆକୁ ମଞ୍ଚ କରାଯାଏ । ତା' ଭିତରେ ଥିବା ଗଛ ଗୁଡ଼ିକୁ ଏବଂ ଗଡ଼ଖାଇର ପାଣିକୁ ବ୍ୟବହାର କରି ନାଟକର ସିକ୍ୟୁଏନ୍ସ ସବୁ ପରିବେଷଣ କରାଯାଏ । ସେଠାରେ ଦୁଇ ତିନି ରାତି ଧରି ନାଟକ ମଞ୍ଚସ୍ଥ ହୁଏ । ଶହ ଶହ; ଭୁଲ୍ କହିଲି ହଜାର ହଜାର ଦର୍ଶକ ସେହି ନାଟକଗୁଡ଼ିକୁ ଦେଖନ୍ତି । ଏମିତି ମଞ୍ଚ ସାରା ଓଡ଼ିଶାରେ ନ ଥିଲା ।

ଏହା କେବଳ ସମ୍ଭବ ହୋଇପାରିଲା, ସଂସ୍କୃତି ବିହାର ସଂସ୍ଥା ପାଇଁ । କିନ୍ତୁ ଦୁର୍ଭାଗ୍ୟବଶତଃ ସରକାର ଗଡ଼ଖାଇ ଭିତରୁ ବାଲିଯାତ୍ରା ଉତ୍ସବରେ ସଂସ୍କୃତି ବିହାରକୁ ନାଟକ ମଞ୍ଚସ୍ଥ କରିବା ପାଇଁ ବଞ୍ଚିତ କଲେ ।

ଏବେ ସଂସ୍କୃତି ବିହାର, ବାଲିଯାତ୍ରା ପଡ଼ିଆ ଭିତରେ ଥିବା 'ଗଣକବି ବୈଷ୍ଣବ ପାଣି' ମଞ୍ଚରେ ଗୀତିନାଟ୍ୟ ପରିବେଷଣ କରୁଛନ୍ତି । କିନ୍ତୁ ଅତୀତର ନାଟ୍ୟ ଶୈଳୀ ଓ ଏବେକାର ନାଟ୍ୟଶୈଳୀ ଭିତରେ ଆକାଶ ପାତାଳ ପ୍ରଭେଦ । ଯାହାହେଉ ସଂସ୍କୃତି ବିହାର ବହୁ କଷ୍ଟ ମଧ୍ୟରେ ଯେ ଆଜି ପର୍ଯ୍ୟନ୍ତ ତାଙ୍କ ନାଟକ କରିବା ଜାରି ରଖିଛନ୍ତି । କେତେ ଯେ ଲୋକ ମରି ହଜି ଗଲେଣି ତଥାପି ସଂସ୍କୃତି ବିହାର ବଞ୍ଚିକି ଅଛି । ଏତେ ବଡ଼ ନାଟ୍ୟସଂସ୍ଥା ବଞ୍ଚି ରହିବା ଉଚିତ୍ ।

ଶେଷରେ, ୫୦ ବର୍ଷର ସଂସ୍କୃତି ବିହାରକୁ ବଞ୍ଚେଇ ରଖିବା ପାଇଁ ସରକାରଙ୍କର ଦୃଷ୍ଟି ନିହାତି ଜରୁରୀ । ମୋର ଆଶା ଓ ବିଶ୍ୱାସ ଏହି ସଂସ୍କୃତି ବିହାର ଆଗାମୀ ବର୍ଷ ପାଇଁ ଏବଂ ଯୁଗ ଯୁଗ ପାଇଁ ବଞ୍ଚି ରହୁ ।

ଏତିକି ମୋର ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅଳି ।

❏❏❏